# NATIONAL NEWS BULLETIN (ODIA)

## 8 July - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରକୃତି ସହ ମିତ୍ରତା ସ୍ଥାପନ କରି ପରିବେଶ ଅନୁକୂଳ ଜୀବନ ଯାପନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ବିଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ମସ୍କୋରେ ପହଁଞ୍ଚିଛନ୍ତି ।
- ସୁପ୍ରିମକୋର୍ଟ ନିଟ୍-ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତା ସମ୍ପର୍କିତ ଆବେଦନ ଗୁଡ଼ିକର ଶୁଣାଣି କରିଛନ୍ତି ।
- ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବିଧାନସଭାରେ ଆସ୍ଥା ଭୋଟ୍‌ରେ ବିଜୟୀ ହେବା ପରେ ନିଜର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି ।

ଏବଂ

- ମଙ୍ଗୋଲିଆରେ ଏକ ମେଣ୍ଟ ସରକାର ଗଠନ ଲାଗି ଶାସକ ଓ ବିରୋଧୀ ଦଳ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ରାଷ୍ଟ୍ରପତି

ପ୍ରକୃତି ସହ ମିତ୍ରତା ସ୍ଥାପନ କରି ପରିବେଶ ଅନୁକୂଳ ଜୀବନ ଯାପନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ସନ୍ନିକଟ ହରିଡ଼ାମଦାଠାରେ ବ୍ରହ୍ମକୁମାରୀଙ୍କ ଡିଭାଇନ୍ ରିଟ୍ରିଟ୍ ସେଣ୍ଟର୍‌ର ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ ଏହି ଅବସରରେ 'ଲାଇଫ୍ ଷ୍ଟାଇଲ୍ ଫର ସଷ୍ଟେନାବିଲିଟି' ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି, ପରିବେଶ ବିନା ମଣିଷ ବଞ୍ଚିବା ଅସମ୍ଭବ । ତେବେ ମଣିଷକୁ ଅର୍ନ୍ତନିହିତ ଏବଂ ବାହ୍ୟ ପରିବେଶ ମଧ୍ୟରେ ଏକ ସମତୁଳ ରଖିବା ନିହାତି ଆବଶ୍ୟକ। କାରଣ ଉଭୟ ପରସ୍ପରର ପରିପୂରକ। ମଣିଷକୁ ପ୍ରକୃତି ସଙ୍ଗେ ଯୋଡ଼ିବା ସହିତ ଏକ ସୁସ୍ଥ ଓ ସ୍ୱଚ୍ଛ ସମାଜ ଗଠନ କରିବା ଦିଗରେ ଆଧ୍ୟାତ୍ମିକ ସଶକ୍ତିକରଣ ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି ଆଦି ବର୍ତ୍ତମାନ ବିଶ୍ୱ ସମ୍ମୁଖରେ ଏକ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଏ ସବୁର ସଫଳ ମୁକାବିଲା ଲାଗି ପରିବେଶ ଅନୁକୂଳ ଜନିତ ପଦକ୍ଷେପ ନେବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଏହାପୂର୍ବରୁ ରାଷ୍ଟ୍ରପତି ଐତିହାସିକ ଉଦୟଗିରି ଗୁମ୍ଫା ପରିଦର୍ଶନ କରିଥିଲେ । ଆସନ୍ତାକାଲି ଜଟଣି ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ - ନାଇଜର୍‌ର ସ୍ନାତକ ସମାବର୍ତ୍ତନ ଉତ୍ସବରେ ଶ୍ରୀମତୀ ମୁର୍ମୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି ।

# ପିଏମ୍-ରୁଷିଆ ଭିଜିଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ରୁଷିଆ ଓ ଅଷ୍ଟ୍ରିଆ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ସନ୍ଧ୍ୟାରେ ମସ୍କୋରେ ପହଁଞ୍ଚିଛନ୍ତି। ରୁଷ୍‌ର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମାନ୍ତୁରୋବ ଶ୍ରୀ ମୋଦୀଙ୍କୁ ବିମାନ ବନ୍ଦରରେ ସ୍ୱାଗତ ଜଣାଇଥିଲେ। ମସ୍କୋ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଗାର୍ଡ ଅଫ ଅନ୍‌ର ପ୍ରଦାନ କରାଯାଇଛି।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ। ଶ୍ରୀ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ ସହିତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା କାର୍ଯ୍ୟକ୍ରମର ସମୀକ୍ଷା କରିବେ। ସେଥିମଧ୍ୟରେ ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ଶିକ୍ଷା, ସଂସ୍କୃତି ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ସମେତ ଆପୋଷ ସ୍ୱାର୍ଥଜନିତ ଦ୍ୱିପକ୍ଷୀୟ ସମସ୍ୟା ଆଦି ପ୍ରସଙ୍ଗ ଉପରେ ସମୀକ୍ଷା କରାଯିବ। ଏହାଛଡ଼ା ଆପୋଷ

ସ୍ୱାର୍ଥଜନିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଗୁଡ଼ିକ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିବେ ବୋଲି ଜଣାପଡ଼ିଛି । ସେହିଭଳି ବ୍ରିକ୍ସ, ସାଂଘାଇ ସହଯୋଗ ସଂଗଠନ, ଜି-୨୦, ପୂର୍ବ ଏସୀୟ ସମ୍ମିଳନୀ ଏବଂ ମିଳିତ ଜାତିସଂଘ ଭଳି ଆନ୍ତର୍ଜାତିକ ସଂଗଠନ ଗୁଡ଼ିକରେ ଦ୍ୱିପକ୍ଷୀୟ ସହଭାଗିତାର ସ୍ଥିତି ଉପରେ ଉଭୟ ନେତା ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

ରୁଷ୍ ରାଷ୍ଟ୍ରପତି ଶ୍ରୀ ମୋଦୀଙ୍କର ସମ୍ମାନାର୍ଥେ ଆଜି ସନ୍ଧ୍ୟାରେ ଏକ ନୈଶ୍ୟଭୋଜିର ଆୟୋଜନ କରିଛନ୍ତି । ଆସନ୍ତାକାଲି ଶ୍ରୀ ମୋଦୀ ରୁଷ୍‌ରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହିତ ମତବିନିମୟ କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ମସ୍କୋସ୍ଥିତ ପ୍ରଦର୍ଶନୀ ସ୍ଥଳର ରୋସାତମ ପ୍ୟାଭିଲିୟନ ପରିଦର୍ଶନ କରିବା ସହିତ କ୍ରେମିଲିନ୍ ଠାରେ ସୈନିକଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ।

ବହୁବିଧ ଭୂ-ରାଜନୈତିକ ଆହ୍ୱାନ ସତ୍ତ୍ୱେ ଭାରତ ଓ ରୁଷ୍ ମଧ୍ୟରେ ୨୦୨୦ ମସିହାରୁ ଏକ ସ୍ୱତନ୍ତ୍ର ଭାଗିଦାରୀ ଜାରି ରହିଛି । ଦୁଇ ଦେଶ ମଧ୍ୟରେ ସହଭାଗିତାକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ନେତା ଏହି ବାର୍ଷିକ ସମ୍ମିଳନୀରେ ନିଜ ନିଜର ମତ ଉପସ୍ଥାପନ କରିବେ ।

ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତାକାଲି ଶ୍ରୀ ମୋଦୀ ଅଷ୍ଟ୍ରିଆ ଗସ୍ତ କରିବେ । ଏହି ଅବସରରେ ସେ ଅଷ୍ଟ୍ରିଆର ଚାନ୍ସେଲରଙ୍କ ସହିତ ଏକ

ଉଚ୍ଚସ୍ତରୀୟ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ। ଏହି ଆଲୋଚନା ସମୟରେ ଦ୍ୱିପାକ୍ଷିତ ବାଣିଜ୍ୟିକ ସମ୍ପର୍କ ଏବଂ ପୁଞ୍ଜିବିନିଯୋଗ କରିବା ସୁଯୋଗକୁ ବ୍ୟାପକ କରିବା ଦିଗରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ଅଷ୍ଟ୍ରିଆ ଚାନ୍ସେଲରଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ପ୍ରଥମଥର ଲାଗି ସେ ଦେଶ ଗସ୍ତ କରିଛନ୍ତି। ଅଷ୍ଟ୍ରିଆ କେନ୍ଦ୍ରୀୟ ୟୁରୋପୀୟ ଦେଶ ଭାବେ  ଭିତ୍ତିଭୂମି, ଅକ୍ଷୟ ଶକ୍ତି, ଉଚ୍ଚ ପ୍ରଯୁକ୍ତି କ୍ଷେତ୍ର, ଷ୍ଟାର୍ଟଅପ୍ କ୍ଷେତ୍ର, ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ଭାରତ ସହିତ ଦ୍ୱିପାକ୍ଷିକ ସହଯୋଗ ପାଇଁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରିଆସୁଛି।

ଏହି ଦୁଇ ଦେଶ ଗସ୍ତ ପୂର୍ବରୁ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ତାଙ୍କର ଏହି ଗସ୍ତ ରୁଷିଆ ଏବଂ ଅଷ୍ଟ୍ରିଆ ସହ ସଂପର୍କକୁ ସୁଦୃଢ଼ କରିବା ଦିଗରେ ସୁଯୋଗ ସୃଷ୍ଟି କରିବ । ଏହି ଦୁଇ ଦେଶରେ ଥିବା ଭାରତୀୟ ସଂପ୍ରଦାୟ ସହ ସେ ମତବିନିମୟ କରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଏସ୍‌ସି ନିଟ୍-ହିୟରିଙ୍ଗ

ସୁପ୍ରିମକୋର୍ଟ ଆଜି ନିଟ୍-ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ଅନିୟମିତତା ତଥା ଅସଦାଚରଣ ହୋଇଥିବା ଅଭିଯୋଗ ଏବଂ ଏହି ପରୀକ୍ଷା ପୁନଃ କରାଇବା ସମ୍ପର୍କିତ ଆବେଦନ ଗୁଡ଼ିକର ଶୁଣାଣି କରିଛନ୍ତି।

ମୁଖ୍ୟ ବିଚାରପତି ଡି.ଓ୍ୱାଇ.ଚନ୍ଦ୍ରଚୂଡ଼, ବିଚାରପତି ଜେ.ବି. ପାର୍ଦିଓ୍ୱାଲା ଏବଂ ବିଚାରପତି ମନୋଜ ମିଶ୍ରଙ୍କୁ ନେଇ ଗଠିତ ବେଞ୍ଚ୍ ଏ ସମ୍ପର୍କିତ ମୋଟ୍ ୩୮ଟି ଆବେଦନର ଶୁଣାଣି କରିଛନ୍ତି। ଏହି ପରୀକ୍ଷା ପରିଚାଳନାରେ ସେଭଳି ବଡ଼ଧରଣର ଅନିୟମିତତା ହୋଇଥିବାର କୌଣସି ପ୍ରମାଣ ନଥିବା ଦୃଷ୍ଟିରୁ ଏହାକୁ ପୁଣିଥରେ କରାଇବାର କୌଣସି ଆବଶ୍ୟକତା ନାହିଁ ବୋଲି କେନ୍ଦ୍ର ସରକାର ଏବଂ ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍.ଟି.ଏ. ପକ୍ଷରୁ ଏକ ଆଫିଡାଭିଟ୍ ମାଧ୍ୟମରେ ଅଦାଲତକୁ ଅବଗତ କରାଯାଇଥିଲା। ଏତଦ୍‌ବ୍ୟତୀତ ନୂତନ କରି ପରୀକ୍ଷା କରାଇବା ଦ୍ୱାରା ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଉପରେ କୁପ୍ରଭାବ ପଡ଼ିବ ବୋଲି ଏହି ଆଫିଡାଭିଟ୍‌ରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଆବେଦନକାରୀମାନଙ୍କ ପକ୍ଷରୁ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ, ଓଏମ୍ଆର୍ ସିଟ୍ ହେରଫେର୍ ଏବଂ ଠକାମୀ ଆଦି ହୋଇଥିବା ଅଭିଯୋଗ କରି ଏହାକୁ ବାତିଲ କରିବା ସହିତ ପୁଣିଥରେ କରାଇବା ଲାଗି ଅଦାଲତଙ୍କ ନିକଟରେ ନିବେଦନ କରାଯାଇଛି। ଏହାର ଉତ୍ତରରେ ଅଦାଲତ କହିଛନ୍ତି, ପରୀକ୍ଷା ବାତିଲ କରିବା ହେଉଛି ଶେଷ ନିଷ୍ପତ୍ତି। ମୁଖ୍ୟ ବିଚାରପତି କହିଛନ୍ତି, ପରୀକ୍ଷାର ପବିତ୍ରତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପୁନଃ ପରୀକ୍ଷା କରାଇବା ଲାଗି

ନିର୍ଦ୍ଦେଶ ଦେବା ପୂର୍ବରୁ  ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କିତ କେତେକ ତଥ୍ୟ ସମ୍ବନ୍ଧରେ ଅବଗତ ହେବା ଦରକାର ବୋଲି ଅଦାଲତ କହିଛନ୍ତି ।

## ହେମନ୍ତ ସୋରେନ କ୍ୟାବିନେଟ୍

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଆଜି ବିଧାନସଭାରେ ଆସ୍ଥା ଭୋଟ୍‌ରେ ବିଜୟୀ ହେବା ପରେ ନିଜର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି । ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ ରାଜଭବନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ନୂତନ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି । ଆଜି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ, ବୈଦ୍ୟନାଥ ରାମ, ଦୀପକ ବିରୁଆ, ମିଥିଲେସ କୁମାର ଠାକୁର, ହାଫିଝୁଲ ହାସନ ଓ ବେବି ଦେବୀ, କଂଗ୍ରେସର ରାମେଶ୍ୱର ଓରାଓ, ବାନା ଗୁପ୍ତା, ଇର୍ଫାନ ଆନସାରୀ ଓ ଦୀପିକା ପାଣ୍ଡେ ସିଂ ଏବଂ ରାଷ୍ଟ୍ରୀୟ ଜନତା ଦଳର ସତ୍ୟାନନ୍ଦ ଭୋକ୍ତା ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି । ତେବେ ଜେ.ଏମ୍.ଏମ୍‌ର ବସନ୍ତ ସୋରେନ ଏବଂ କଂଗ୍ରେସର ବାଦଲ ପାତ୍ରାଲେଖଙ୍କୁ କ୍ୟାବିନେଟ୍‌ରୁ ବାଦ୍ ଦିଆଯାଇଛି ।

ଅନ୍ୟପକ୍ଷରେ ଝାଡ଼ଖଣ୍ଡ ବିଧାନସଭାର ଆଜି ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ ଆସ୍ଥା ଭୋଟ୍‌ରେ ବିଜୟଲାଭ କରିଛନ୍ତି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତୃତ୍ୱାଧୀନ ମେଣ୍ଟର  ସହଯୋଗୀ

ଦଳଗୁଡ଼ିକୁ ମିଶାଇ ୪୫ ଜଣ ବିଧାୟକ ଆସ୍ଥାଭୋଟ୍ ସପକ୍ଷରେ ମତଦାନ କରିଥିଲେ ।

ତେବେ ଆସ୍ଥା ଭୋଟ୍ ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ୪୮ ବର୍ଷୀୟ ଶ୍ରୀ ସୋରେନ ଗତ ୪ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ୫ଟି ଆସନ ଖାଲି ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ସିଧା ପ୍ରସାରଣ କରାଯିବ । ଏଥିରେ 'ରାଷ୍ଟ୍ରୀୟ ଡାଇରିଆ ରୋକ ଅଭିୟାନ-୨୦୨୪' ସମ୍ପର୍କରେ ଆଲୋଚନା କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଶିଶୁ ସ୍ୱାସ୍ଥ୍ୟ ଓ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମୁଖ୍ୟ ତଥା ଉପାୟୁକ୍ତ ଡକ୍ଟର ଶୋଭନା ଗୁପ୍ତା ଏବଂ ନିଉଦିଲ୍ଲୀ ଏମ୍ସର ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋଲୋଜି ବିଭାଗର ପ୍ରଫେସର ଡକ୍ଟର ଗୋବିନ୍ଦ କେ. ମଖାରିଆ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର ୯୨୮୯୦୯୪୦୪୪ କିମ୍ବା ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ Ask AIR ହାସ୍‌ଟ୍ୟାଗ୍ ମାଧ୍ୟମରେ ପ୍ରଶ୍ନ

ପଚାରିପାରିବେ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ୍ ଚ୍ୟାନେଲ୍, NEWS ON AIRର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

## ମଙ୍ଗୋଲିଆ କୋଲେସନ୍

ମଙ୍ଗୋଲିଆରେ ଏକ ମେଣ୍ଟ ସରକାର ଗଠନ ଲାଗି ଶାସକ ମଙ୍ଗୋଲିଆ ପିପୁଲ୍ସ ପାର୍ଟି- ଏମ୍.ପି.ପି. ଏବଂ ବିରୋଧୀ ଡେମୋକ୍ରାଟିକ ପାର୍ଟି-ଡି.ପି. ଓ ହୁନ୍ ପାର୍ଟି- ଏଚ୍.ପି. ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚଳିତ ବର୍ଷ ଜୁନ୍ ୨୮ ତାରିଖ ଅନୁଷ୍ଠିତ ଦେଶର ନବମ ସଂସଦୀୟ ନିର୍ବାଚନରେ ମୋଟ୍ ୧୨୬ଟି ଆସନରୁ ଶାସକ ଏନ୍.ପି.ପି. ୬୮ଟି ଭୋଟ୍‌ରେ ବିଜୟ ଲାଭ କରି ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଡେମୋକ୍ରାଟିକ୍ ପାର୍ଟି ୪୨ଟି ଏବଂ ହୁନ୍ ପାର୍ଟି ୮ଟି ଆସନ ପାଇଥିବା ବେଳେ ଅନ୍ୟ ଦୁଇଟି ଦଳ ୪ଟି ଲେଖାଏଁ ଆସନରେ ବିଜୟୀ ହୋଇଥିଲେ।

ମଙ୍ଗୋଲିଆର ବିକାଶ ଦିଗରେ ଦେଖାଯାଉଥିବା ବିଭିନ୍ନ ଆହ୍ୱାନର ତ୍ୱରିତ ମୁକାବିଲା, ଆନ୍ତର୍ଜାତିକ ସ୍ତରରେ ଦେଖାଦେଉଥିବା ଭୂ-ରାଜନୈତିକ ସ୍ଥିତି ତଥା ଜାତୀୟ ଏକତାକୁ ପ୍ରାଧାନ୍ୟ ଦେଇ ଏହି ମେଣ୍ଟ ସରକାର ଗଠନ ଲାଗି ଶାସକ ଓ ବିରୋଧୀ ଦଳ ସହମତି ହୋଇଥିବା ଜଣାଯାଇଛି।